## ଅଭିଯୋଗ ଶୁଣାଣିକୁ ଆସୁନାହାନ୍ତି ଅଧିକାରୀ



ବୈପାରୀଗୁଡ଼ା, ୫।୧(ସମିସ): ବୈପାରୀଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣିରେ ଅଧିକାଂଶ ଅଧିକାରୀଙ୍କ ଅନୁପସ୍ଥିତ ରହୁଛନ୍ତି । ଏହାକୁ ନେଇ ବିରକ୍ତି ପ୍ରକାଶ କଲେ ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ । ଏଭଳି ଘଟଣା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଆଜି ଉକ୍ତ ପଞ୍ଚାୟତରେ ମୋଟ ୮ ଟି ଅଭିଯୋଗ ଶୁଣାଣି ହୋଇଥିଲା । ଏଥିରେ ଏବିଡିଓ, ଏଇ, ଜିପିଓ, ପିଇଓ, ଆଇସିଡିଏସ୍ ସୁପରଭାଇଜର, ଆବାସ ଯୋଜନା ସଂଯୋଜକ ଉପସ୍ଥିତ ଥିଲେ। ଗୋଟିଏ ପଞ୍ଚାୟତସ୍ତରରେ ମୋଟ ୨୦ଟି ବିଭାଗ ଉପସ୍ଥିତ ରହିବା କଥା । କିନ୍ତୁ କେବଳ ନିର୍ଦ୍ଦିଷ୍ଟ ହାତ ଗଣତି ୫ଟି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଯାହାକୁ ନେଇ ବ୍ଲକ ଉପାଧକ୍ଷା ବାରିକ ନିଜେ ଅଭିଯୋଗ ଆଣିଛନ୍ତି ଯେ, ପଞ୍ଚାୟତସ୍ତରୀୟ ଜନ ଶୁଣାଣି କେବଳ ନାମକୁ ମାତ୍ର । ଅଭିଯୋଗ ହେଉଛି, ହେଲେ ସମାଧାନ ହୋଉ ନାହିଁ । କିଛି ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କୁ ଛାଡିଦେଲେ ବଳକା ସମସ୍ତ ଅଧିକାରୀ ଅନୁପସ୍ଥିତ ରହୁଛନ୍ତ । ଆଜି ଦିନକ କଥା ନୁହଁ, ପ୍ରତି ଥର ଏଭଳି ଘଟୁଛି ଏବଂ ବ୍ଲକରେ ସମସ୍ତ ପଞ୍ଚାୟତରେ ସମାନ ପରିସ୍ଥିତି ରହୁଛି । ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଏକ ସରକାରୀ ବ୍ୟବସ୍ଥା । ଲୋକଙ୍କ ସମସ୍ୟା ସମାଧାନ କରିବା ସହ ସଚେତନ କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି । କିନ୍ତୁ ବ୍ଲକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଉଥିବା ଜଣା ପଡୁଛି । ଆଗାମୀ ଦିନରେ ପଞ୍ଚାୟତର ସାମୂହିକ ବିକାଶ ପାଇଁ ଦିଆଯାଇଥିବା ସମସ୍ୟା ଗୁଡ଼ିକ ମଧ୍ୟରୁ ଯଦି କିଛି ବି ସମାଧାନ ନହୁଏ, ତେବେ ଜନ ଶୁଣାଣିକୁ ପଞ୍ଚାୟତବାସୀ ଦୃଢ଼ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ। ଅନ୍ୟପଟେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ପାଚାରିବାରୁ ସେ ଆଜିର ଅଭିଯୋଗକୁ ସ୍ୱୀକାର କରିଛନ୍ତି। କହିଛନ୍ତି ଯେ, ଆଗାମୀ ଥର ଯେଉଁ ବିଭାଗୀୟ ଅଧିକାରୀ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣିରେ ଅନୁପସ୍ଥିତି ରହିବେ, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ମତ ରଖିଛନ୍ତି ।

## ବେଆଇନ ଦେଶୀ ମଦ ବନ୍ଦ କରିବାକୁ ଦାବି

ଜୟପୁର, ୫ ।୧(ସମିସ): ଜୟପୁର ସଦରଥାନା ରଣ୍ଡାପାଲି ଗ୍ରାମ ପଞ୍ଚାୟତର ସାନକାଉଡି ଗ୍ରାମ ଠାରେ ବେଆଇନ ଭାବେ ପ୍ରସ୍ତୁତ ବିକ୍ରି ହେଉଥିବା ବିଷାକ୍ତ ଦେଶୀ ମଦ ବନ୍ଦ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ହେଲା ସାନକାଉଡି ଠାରେ ୧୫ ବର୍ଷ ହେଲା ବିଶାକ୍ତ ଦେଶୀମଦ ତିଆରି ସହ ବିକ୍ରି ମଧ୍ୟ ହେଉଛି। ଯାହାଫଳରେ ଏହି ମଦ ପିଇ ଗ୍ରାମ ଓ ଆଖପାଖ୍ ଗ୍ରାମର ଅନେକ ଯୁବକ ପ୍ରାଣ ହରାଇଛନ୍ତି। ଅନେକ ମଦ୍ୟପାନ ଜନିତ ରୋଗରେ ପୀଡିତ ହୋଇଛନ୍ତି। ଫଳରେ ଏହି ମଦ୍ୟପ ବ୍ୟକ୍ତି ଓ ଯୁବକ ମାନଙ୍କ ପରିବାର ଆର୍ଥିକ, ମାନସିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାପାଳ ତୁରନ୍ତ ପଦକ୍ଷପ ଗ୍ରହଣ କରିବାକୁ ଦାବି କରାଯାଇଛି।

## ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଦୁର୍ଘଟଣା

ମାଲକାନଗିରି, ୫ ।୧(ସମିସ): ମାଲକାନଗିରି ସଦର ନିକଟରେ ଜଗନ୍ନାଥ ଏକ୍ସପ୍ରେସ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି । ତେବେ ବସ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପକେ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଛନ୍ତି ୩୦ରୁ ଅଧିକ ଯାତ୍ରୀ । ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘରରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଜଗନ୍ନାଥ ଏକ୍ସପ୍ରେସ ବସ୍‌ଟି ମାଲକାନଗିରି ଜିଲ୍ଲା ନିକଟରେ ଥିବା ସିନ୍ଧିରୀମାଳ ଗ୍ରାମ ନିଟରେ ପହଞ୍ଚି ମାଲକାନଗିରି ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଲୁହାରଡ଼ ବୋଝେଇ ଟ୍ରଲର ଡାଲାଟି ଗାଡିରୁ ଅଲଗା ହୋଇଯାଇଥିଲା । ଯାହା ଫଳରେ ଲୁହାରଡ଼ ଗୁଡିକ ବସରେ ବାଡେଇ ହୋଇ ଦୁର୍ଘଟଣାଘଟିଥିଲା । ତେବେ ବସ ଚାଳକ କେଦାର ପ୍ରଧାନଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ସେ ଗାଡିକୁ ଆୟତ୍ତକୁ ନେବା ସହ ରାସ୍ତା ପାଶ୍ୱର୍କୁ ନେଇଯାଥିଲେ । ଏହି ଦୁର୍ଘଟଣାରେ କେବଳ ବସର ଆଗ କାଚ ଭାଙ୍ଗିଯିବା ସହ ସାମାନ୍ୟ କ୍ଷତି ଘଟିଥିବା ବେଳେ ବସର ଥିବା ୩୬ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଖବର ପାଇ ମାଲକାନଗିରି ଥାନା ପୁଲିସ, ପରିବହନ ପରିଚାଳକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଟ୍ରଲରକୁ ଜବତ କରିବା ସହ ବସର ଯାତ୍ରୀ ମାନଙ୍କୁ ଅନ୍ୟ ଏକ ସ୍ୱତନ୍ତ୍ର ସରକାରୀ ବସ୍ ଯୋଗେ ନବରଙ୍ଗପୁରକୁ ପଠାଇଥିଲେ ।

## କଟାହେଲା ବିପଦସଙ୍କୁଳ ଆମ୍ବଗଛ

ଟିକିରି, ୫।୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଟିକିରି ହାଟପଦାରେ ଥିବା ବିପ ସଙ୍କୁଳ ଶୁଖିଲା ଆମ୍ବଗଛକୁ ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀଙ୍କ ନେତୃତ୍ୱରେ ମେସିନ ସାହାଯ୍ୟରେ କଟା ହେଲା । ସୂଚନା ଥାଉକି ଚଳିତ ମାସ ୨ ତାରିଖ ଶୁକ୍ରବାର ଦିନ ସାପ୍ତାହିକ ହାଟକୁ ଆସିଥିବା ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଫୁଲଜବା ଗ୍ରାମର ଉଗ୍ରେସର ମାଝୀ (୫୦) ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପରିବାର ଲୋକେ କ୍ଷତି ପୂରଣ ଦାବିରେ ଟିକିରି ଠାରୁ ଡଙ୍ଗାସିଲ ମୁଖ୍ୟରାସ୍ତାକୁ ଅପରାହ୍ନ ୪ଘଣ୍ଟା ଠାରୁ ରାତି ୧୦ ପର୍ଯ୍ୟନ୍ତ ଅବରୋଧ କରିଥିଲେ ।



ଖବର ପାଇ ଟିକିରି ସରପଞ୍ଚ ମୃତକଙ୍କୁ ୫୦ହଜାର କ୍ଷତି ପୂରଣ ଦେବା ସହ ଟିକିରି ଆଇଆଇସି ବିଶ୍ୱବନ୍ଦୀନୀ ବାଗ ପରିବାର ଲୋକଙ୍କୁ ବୁଝାସୁଝା ପରେ ରାସ୍ତାରୋକ ଉଠିଥିଲା। ସୋମବାର ଟିକିରି ସରପଞ୍ଚଙ୍କ ନେତୃତ୍ୱରେ ଉତ୍କଳ ଆଲୁମିନାର ଏକ କ୍ରେନ ସାହାଯ୍ୟ ରେ ଗଛକଟା ମେସିନ ଦ୍ୱାରା ଶୁଖିଲା ଗଛ କଟାଯାଉଛି । ଏହି ଗଛ କାଟିବାରେ ଟିକିରି ସରପଞ୍ଚ ଜଗ ବନ୍ଧୁ ମାଝୀଙ୍କ ନେତୃତ୍ୱରେ କାଶୀପୁର ବିଧାୟକ ପ୍ରତିନିଧି ଜିଜୁରୁ ମାଝୀ , ଟିକିରି ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ମାନସ ମାଝୀ, ନିରଞ୍ଜନ ସାହୁ, ଟଙ୍କଝଡ଼ିଆ, ପାରିଆ ଦରା, କିଶର ବାଗ, ମୁକୁନ୍ଦ ବିଶୋଇ, ହୃଷିକେଶ ସାହୁ, ପଇଲି ମାଝୀ,ଜୟ ମାଝୀ , ସୁରେଶ ପାତ୍ର, ବନବିଭାଗ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।

## ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ



କୋଷାଗୁମୁଡା, ୫।୧(ସମିସ): ପରିବାର ପୋଷିବା ପାଇଁ ଦାଦନ ଖଟିବାକୁ ଯାଇ ମର ଶରୀର ହୋଇ ଫେରିଛନ୍ତି ୨୨ବର୍ଷୀୟ ଯୁବକ ଲଚିମଧର ହରିଜନ। ଆଜି ସକାଳେ କୋଟା ଗାଁ ରେ ମୃତ ଶରୀର ପହଞ୍ଚିଛି। ମାଲିକ କେରଳରୁ କୋଟାଗାଁ ପର୍ଯ୍ୟନ୍ତ ଏକ ଏମ୍ବୁଲାନ୍ସ ଦ୍ୱାରା ଶବ ପହଞ୍ଚାଇଛନ୍ତି। ଆଜି ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମବାସୀଙ୍କ ଉପସ୍ଥିତରେ ଶବ ସତ୍କାର କରାଯାଇଛି। ମୃତ ଯୁବକର ବାପାଙ୍କ ହାତରେ କେରଳର ମାଲିକ ମାତ୍ର ୫ହଜାର ଟଙ୍କା ଦେଇଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କଟାଗାଁ ଗ୍ରାମବାସୀ ମୃତ ଲଚିମଧରର ପରିବାରକୁ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଟ୍ରାଫିକ୍ ସମସ୍ୟା, ବେଆଇନ ଗାଡି ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ

ଜୟପୁର, ୫ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଅମାନିଆ ଗାଡି ଚାଳକଙ୍କ ଟ୍ରାଫିକ ନିୟମ ଉଲ୍ଲଂଘନ ଏବଂ ମନଇଚ୍ଛା ପାର୍କିଂ କରୁଥିବା ଚାରି ଚକିଆ ଓ ଭାରୀଯାନ ଗାଡି ମାଲିକଙ୍କ ଉପରେ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜି ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ପରିବହନ ବିଭାଗ, ସଦରଥାନା ପୁଲିସ ଏବଂ ପୌରସଂସ୍ଥାର କର୍ମଚାରୀ ମାନେ ଯୋଗଦେଇ ୨୬ ନମ୍ବର ଜାତୀୟ ରାଜପଥର



ସ୍ଥାନୀୟ ବାରିଣିପୁଟ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ପାର୍କିଂ ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ୧୨ ଗାଡି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୩୧ ହଜାର ଟଙ୍କା ଜରିମାନା ଟଙ୍କା ଆଦାୟ କରାଯାଇଛି। ଏହିପରି ଜୟପୁର ସହରର ଚଢଉ ଆସନ୍ତା କିଛି ଦିନ ପର୍ଯ୍ୟନ ନିୟମିତ ଜାରି ରହିବ ବୋଲି ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ମାରାଣ୍ଡି ପ୍ରକାଶ କରିଛନ୍ତି । ଏହି ଚଢ଼ଉରେ ପରିବହନ ବିଭାଗର ଟ୍ରାଫିକ ସବ୍ ଇନ୍‌ସପେକ୍ଟର ଜଗନ୍ନାଥ ଦାରୁବ୍ରହ୍ମ, କନିଷ୍ଠ ଏମ୍‌ଭିଆଇ ବାସୁଦେବ ବେହେରା, ସଦର ଥାନା ପ୍ରୋବେଶନାରୀ ଏସ୍ଆଇ ବୁଲି ତାଣ୍ଡୀ, ଲକ୍ଷ୍ମୀକାନ୍ତ ପ୍ରଧାନ, ହରିବଲ ସାହୁ , ଏଏସଆଇ ସୁଶାନ୍ତ ଦଳପତି, ପୌରସଂସ୍ଥାର କର୍ମଚାରୀ ସତ୍ୟନାରାୟଣ ପାତ୍ର, ସଞ୍ଜୟ ମାର୍ଥା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## କାର ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

କୋରାପୁଟ, ୫ ।୧(ସମିସ) କୋରାପୁଟ ଟାଉନଥାନା ଅନ୍ତର୍ଗତ କୋରାପୁଟ ଆମ୍ବେଦକର କଲେଜ ନିକଟରେ ଏକ କାର ଧକ୍କାରେ ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ଏକ କାର ନମ୍ବର ଓଡି୧୦ଏଫ ୬୭୦୮ ଜୟପୁରରୁ କୋରାପୁଟ ଆଡକୁ ଆସୁଥିବା ବେଳେ ଗୋଟିଏ ବାଇକରେ କୁମ ମୁଦୁଲି, ସନ୍ତୋଷ ମୁଦୁଲି ଏବଂ ଗୁପ୍ତ ବାରିକ ୩ ଜଣ ଯୁବକ କୋରାପୁଟରୁ ଜୟପୁର ଆଡକୁ ଯାଉଥିବା ସମୟରେ କାରଟି ଏକ ଟ୍ରକକୁ ଓଭରଟେକ କରୁଥିବା ବେଳେ ବାଇକକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ବାଇକ୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ ଓ ଗୁରୁତର ୩ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କୋରାପୁଟ ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ୩ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ବୈପାରୀଗୁଡ଼ା, ୫।୧(ସମିସ): ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାରି ରହିଛି ଡାକ୍ତର ଆନ୍ଦୋଳନ। କିଛି ଦିନ ଧରି ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଆଜି ଠାରୁ ଦୁଇ ଘଣ୍ଟାକୁ ବୃଦ୍ଧି ହୋଇଛି । ପୂର୍ବରୁ ସକାଳ ଦଶଟା ଠାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ବନ୍ଦ ରହୁଥିଲା । କିନ୍ତୁ ଆଜି ଠାରୁ ୯ ଟା ଠାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ବନ୍ଦ ରହିଛି । ଜରୁରୀ ସ୍ୱାସ୍ଥ୍ୟ ସେବା ଜାରିରହିଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ସଂଘ । ଏହି ଆନ୍ଦୋଳନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ କାର୍ଯ୍ୟରତ ୧୦ ଜଣ ଡାକ୍ତର ସାମିଲ ହୋଇଥିବା ବେଳେ ରୋଷ୍ଟର ଡ୍ୟୁଟିରେ ଥିବା ଡାକ୍ତର ମଧ୍ୟରୁ ଆଶୁତୋଷ ଅଧିକାରୀ, ଆଶିଷ କମାର ସାହୁ, ସୁକନ୍ୟା ମଜୁନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

## ଡକ୍ଟର ଗଣେଶ ମାଳି ସମ୍ମାନିତ



ଟିକିରି, ୫।୧(ସମିସ): ଭୁବନେଶ୍ୱରରେ ଜାତୀୟ ଜ୍ୟୋତିଷ ସମ୍ମିଳନୀରେ ରାୟଗଡା ଜିଲ୍ଲା କାଶିପୁର ବ୍ଲକ ସାନମାଟିକଣା ପ୍ରଧାନଶିକ୍ଷକ ତଥା ଜ୍ୟୋତିର୍ବିଦ ଡକ୍ଟର ଗଣେଶ ମାଳିଙ୍କୁ ଜ୍ୟୋତିଷ ବିଶିଷ୍ଟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୪ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ବୁଦ୍ଧ ବିହାର ରେ ଏକ ଜାତୀୟ ସ୍ତରୀୟ ଜ୍ୟୋତିଷ ସମିଳନୀ ଆୟୋଜିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ଗୁଣପୁର ର ଜ୍ୟୋତିର୍ବିଦ ଡ଼ ଗଣେଶ ମାଳି ମଧ୍ୟ ଆଲୋଚନା ରେ ଭାଗ ନେଇ ଜ୍ୟୋତିଷର ମହତ୍ୱ ଉପରେ ପ୍ରତିପାଦନ କରିଥିଲେ। ତାଙ୍କୁ ସେଠାରେ ଜ୍ୟୋତିଷ ବଶିଷ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା । ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଗୋଲକ ମହାପାତ୍ରଙ୍କ ଠାରୁ ଉପଢୌକନ, ସମ୍ମାନପତ୍ର ଗ୍ରହଣ କୋରିଥିଲେ।

## ଜିଲ୍ଲାପାଳଙ୍କ କୋଟିଆ ଗସ୍ତ



ପଟ୍ଟାଙ୍ଗି, ୫।୧(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପଟ୍ଟାଙ୍ଗି ବ୍ଲକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶେଷ କରି ଓଡ଼ିଶା- ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ଗସ୍ତ କରି ଫେରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ଜିଲ୍ଲାପାଳ ଶ୍ରୀ ମହାଜନ ଜନ ଶୁଣାଣି କାର୍ଯ୍ୟକ୍ରମ ଶେଷ କରି କୋଟିଆ ଗସ୍ତରେ ଯାଇଥିଲେ। ସେଠାରେ କୋଟିଆ ସ୍ଥିତ ଜଗନ୍ନାଥ ମନ୍ଦିର, ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେସନ, ଦେଓମାଳି ପର୍ଯ୍ୟଟନ ସ୍ଥଳ, ମାଡ଼କାର ସେତୁ, ତଳକାଣ୍ଡି ଜଳପ୍ରପାତ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ କୋଟିଆ ଠାରେ ଉନ୍ନତ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ସ୍ୱୟମର ଉଦଘାଟନ ଅବସରରେ ଯୋଗଦେଇ ସେଠାରୁ ଫେରି ଆସିଥିଲେ। ତାଙ୍କ ସହ ଏଇଇ ବିଶ୍ୱନାଥ ମାଦେଲି, ଏଇ ଅଜୟ ରାମ ତରାଇ, ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ଜଣାପଡିଛି।

## ନାରାୟଣପାଟଣାରେ ଧାନମଣ୍ଡି ଉଦ୍‌ଘାଟିତ

ଲକ୍ଷ୍ମୀପୁର, ୫।୧(ସମିସ):

କୋରାପୁଟ ଜିଲ୍ଲା ନାରାୟଣପାଟଣା ଲ୍ୟାମ୍ପସ ପରିସରରେ ସମବାୟ ସମିତି ସଭାପତି ସୁରେଶ ଶିରିକାଙ୍କ ସଭାପତିତ୍ୱରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ ଦୋରା, ତହସିଲଦାର ପ୍ରଭାତୀ ଝଡିଆ, ଅତିରିକ୍ତ ତହସିଲଦାର ଧନପତି ଶିଷା, ଯୋଗାଣ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ୬୦୨ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ବେଳେ ୧୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖା ଯାଇଛି। ଏହି କାର୍ଯ୍ୟକ୍ରମକୁ ଶାଖା ପରିଚାଳକ କୁଶ ଶିରିକା ପରିଚାଳନା କରିଥିବା ବେଳେ ଲ୍ୟାମ୍ପସ କର୍ମଚାରୀ ସହଯୋଗ କରିଥିଲେ। ସମସ୍ତ ଚାଷୀ ସୁରୁଖୁରୁରେ କିପରି ମଣ୍ଡିରେ ଧାନ ବିକ୍ରି କରିପାରିବେ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଶାଖା ପରିଚାଳକଙ୍କ ତରଫରୁ ସୂଚନା ମିଳିଛି।

## ପୁଷପୁନିଂ ଉତ୍ସବରେ ୪ର୍ଥ ସଂଧ୍ୟା



କୋରାପୁଟ, ୫ ।୧ (ସମିସ): ଆଜି ଜୟପୁର ପୁଷପୁନିଂ ମହୋତ୍ସବର ୪ର୍ଥ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ ଏବଂ ତାଙ୍କ ଦଳର ଗୀତ ଓ ସଙ୍ଗୀତରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ । ଆଜିର କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥିଭାବେ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ଏସଡିପିଓ ପାର୍ଥ ଜଗଦୀଶ କାଶ୍ୟପ ଏବଂ କ୍ରୀଡ଼ାବିତ୍ ଓ ବ୍ୟବସାୟୀ ସୁବାସ ରାଉତ ମଞ୍ଚାସୀନ ଥିଲେ । ଆଜିର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଉଦଘୋଷକ ଶଙ୍କର ପ୍ରହରାଜ କରିଥିବା ବେଳେ କଳା ଓ କଳାକାର ମଞ୍ଚର ସଭାପତି ମନୋଜ ପାତ୍ର ଓ ସମ୍ପାଦକ ଧିରେନ୍ ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହିପରି ସମ୍ବଲପୁରୀ ଏବଂ କୋରାପୁଟି ଆଦିବାସୀ ଗୀତରେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଘୁମୁରା ନୃତ୍ୟ ଓ ସେମିଳିଗୁଡାର ଆଦିବାସୀ ନୃତ୍ୟ ରେଙ୍ଗା ଏବଂ ବୈରାରୀଗୁଡା ଅଞ୍ଚଳର ଦୁରୁଆ ନୃତ୍ୟ ସହିତ ସ୍ଥାନୀୟ ଡାୟନମିକ ନୃତ୍ୟ ଦଳର ଦ୍ୱାରା ଆଧୁନିକ ସଂଗୀତ ଉପରେ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ ।

## ବିପିଏଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୈପାରିଗୁଡ଼ା, ୫।୧(ସମିସ): ବୈପାରିଗୁଡା ହାଇସ୍କୁଲ ପଡ଼ିଆ ଠାରେ ବ୍ଲକ ସ୍ତରୀୟ ବିପିଏଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସିଜନ୍ ୫ ଉଦ୍ ଘାଟନ ହୋଇଯାଇଛି । ଏହି ଉଦଘାଟନରେ ମୁଖ୍ୟ ଅତିଥି ଭାବେ ଶହୀଦ ଯବାନ ଇଶ୍ୱର ତଲିଆଙ୍କ ସ୍ତ୍ରୀ ବାସନ୍ତୀ ତଲିଆ ଯୋଗ ଦେଇ ରିବନ କାଟି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ଏଥିସହ କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, ବୈପାରିଗୁଡ଼ାର ପୂର୍ବତନ ସରପଞ୍ଚ ଭାଗିରଥି ମୁର୍ଯ୍ୟିଆ ଏବଂ ପୂର୍ବତନ ବିଜେଡି ଯୁବ ସଭାପତି ରମେଶ ସ୍ୱାଇଁ (କିରୁ),ବାପି ଜଗଦେବ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୭ଟି ଟିମ ଭାଗ ନେଇଥିବା ବେଳେ ୧୪ ଦିନ ଧରି ଚାଲିବ ବୋଲି ଜଣା ପଡିଛ। ଆଜିର ପ୍ରଥମ ମ୍ୟାଚ ରୋୟାଲ-୧୧ ସହ ଥଣ୍ଡର ବଡସ୍ କ୍ରିକେଟ ଦଳ ଖେଳିଥିବା ବେଳେ ରୋୟାଲ-୧୧ ଦଳ ୧୪ରନରେ ବିଜୟୀ ହୋଇଥିଲା । ଏହି ଟୁର୍ନାମେଣ୍ଟର ଆୟୋଜକ ମଧ୍ୟରୁ ଲିଟୁ ରାଉତ, ଟିକି ପାଇକ, ଉମା ଶଙ୍କର, ଏନ ଗୌରୀ, କାର୍ତ୍ତିକ ହନ୍ତାଲ, ଆୟାନ ପ୍ରଧାନ, ଆଲୋକ ପଟ୍ଟନାୟକ ବୁଲ୍ଲୁ , ଚିନୁ,ମନୁ ଓ ସାନୁ, ହିମାଂଶୁ ପ୍ରମୁଖ ସହଯୋଗ କରିଥିଲେ।

## କୋରାପୁଟକୁ ଆସିଲା ୭ ନୂଆ ୧୦୮ ଆମ୍ବୁଲାନ୍ସ

କୋରାପୁଟ, ୫ ।୧(ସମିସ):

କୋରାପୁଟ ଜିଲ୍ଲାରେ ୭ଟି ନୂତନ ଆମ୍ବୁଲାନ୍ସ ପହଞ୍ଚିଛି । ଆଜି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି । କୋରାପୁଟ ଜିଲ୍ଲାକୁ ସମୁଦାୟ ୧୭ଟି ନୂତନ ୧୦୮ ଆମ୍ବୁଲାନ୍ସ ଆସିବ । ପ୍ରଥମ ପର୍ଯ୍ୟାୟରେ ୭ ଟି ନୂତନ ୧୦୮ ଆମ୍ବୁଲାନ୍ସ ପହଞ୍ଚିଛି। ପରବର୍ତ୍ତୀ ସମୟରେ ବାକି ଆମ୍ବୁଲାନ୍ସ ଜିଲ୍ଲାରେ ପହଞ୍ଚିବ। କୋରାପୁଟ ଜିଲ୍ଲାର କାକିରିଗୁମା, ଦଶମନ୍ତପୁର, ଲକ୍ଷ୍ମୀପୁର, ରାମଗିରି ଏବଂ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଆମ୍ବୁଲାନ୍ସ ରଖାଯିବ। ଦୁର୍ଗମ ଅଞ୍ଚଳର ଲୋକମାନେ କିପରି ଆମ୍ବୁଲାନ୍ସ ସେବା ଠିକ୍ ଭାବେ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦ୍ୱାରା ରୋଗୀ ମାନଙ୍କର ଜୀବନ ବଞ୍ଚାଇ ପାରିବା ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଡାକ୍ତର ମୁକ୍ତିକାନ୍ତ ଖଟୁଆ, ଡାକ୍ତର ଶିବ ସାଇ ସ୍ୱରୂପ ପ୍ରମୁଖଙ୍କ ସହ ପରିଚାଳନା ସଂସ୍ଥାର କର୍ମଚାରୀ ମାନେ ଉପସ୍ଥିତ ଥିଲେ।



ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ କରାଯାଇଥିଲା। ଏହାର ପ୍ରଚାର ଓ ପ୍ରସାର ପାଇଁ ସଦର ମହକୁମାରେ ଥିବା ସାମ୍ବାଦିକ ମାନଙ୍କୁ ଉପେକ୍ଷା କରାଯାଇଥିଲା। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବୀନ୍ଦ୍ରନାଥ ମିଶ୍ରଙ୍କୁ ପଚାରିବାରେ କହିଥିଲେ, ଆଜିର କାର୍ଯ୍ୟକ୍ରମକୁ ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥାର ଅଧିକାରୀ ମାନେ ପରିଚାଳନା କରିଥିବାରୁ ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇଛି କି ନାହିଁ ବୋଲି ଉତ୍ତର ଦେଇଥିଲେ। ଏ ସମ୍ପର୍କରେ କିଛି ସାମ୍ବାଦିକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଶୁଣି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ବିଗିଡ଼ିଯାଇ କାହିଁକି ସାମ୍ବାଦିକ ମାନଙ୍କୁ ଡ଼ାକିଲ ନାହିଁ ବୋଲି ଅଧିକାରୀ ମାନଙ୍କୁ ପ୍ରଶ୍ନ କରି କ୍ଷୁବ୍ଧ ହୋଇଥିଲେ। ଏପରି କାର୍ଯ୍ୟ ଯେପରି ଆଗକୁ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।






# ଡାକ୍ତରଙ୍କ ଆନ୍ଦୋଳନ, ରୋଗୀସେବା ପ୍ରଭାବିତ



କୋରୁକୋଣ୍ଡା, ୫।୧(ସମିସ): ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଛୋଟ ବଡ଼ ସରକାରୀ ଡାକ୍ତରଖାନାରେ ରବିବାର ୫ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ବର୍ହିବିଭାଗ ରୋଗୀସେବା ସମ୍ପୂର୍ଣ୍ଣ ବନ୍ଦ ହିବା ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍(ଓମସା) ପକ୍ଷରୁ ସୂଚନା ଦିଆଯାଇଥିଲା। ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରମାନେ ୫ ତାରିଖ ଠାରୁ ସମସ୍ତେ ଆନ୍ଦୋଳନ କରିବାକୁ ଯାଇ ପ୍ରତ୍ୟେହ ଦୁଇ ଘଣ୍ଟା ରୋଗୀସେବା ବନ୍ଦ କରିଛନ୍ତି। ଏହି କ୍ରମରେ କୋରୁକୋଣ୍ଡା ସଦର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଏବଂ ବାଲିମେଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏସି) ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନା ଯେମିତି ମାଟାପାକା ,ତୁମସାପାଲି, ଏମଭି-୧୯ ଏବଂ ଏମଭି-୪୭ ଡାକ୍ତରଖାନାରେ ବର୍ହିବିଭାଗ ରୋଗୀସେବା ବନ୍ଦ ରହିଥିଲା। ଯାହା ଦ୍ୱାରା ଦୀର୍ଘ ଦୁଇ ଘଣ୍ଟା ଧରି ଏହି ଅଞ୍ଚଳର ଶତାଧିକ ଅଞ୍ଚଳବାସୀ ରୋଗୀସେବାରୁ ବଞ୍ଚିତ ରହିଥିଲେ। ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଶତାଧିକ ଗରିବ ଶ୍ରେଣୀୟ ଲୋକଙ୍କ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଥିବା ବେଳେ ସେହି ଦୁଇ ଘଣ୍ଟା ମଧ୍ୟରେ କିଛି ଅଘଟଣ ଘଟିବାକୁ ସାଧାରଣରେ ଆଶଙ୍କା କରାଯାଉଛି। ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସର୍ବଦା ପ୍ରଶ୍ନବାଚୀ ଦେଇ ଗତି କରୁଥିବା ବେଳେ ଡାକ୍ତରଙ୍କ ଆନ୍ଦୋଳନ ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନେ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଅଧିକ ହନ୍ତସନ୍ତ ହେଉଛନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି। ଯଦି ରାଜ୍ୟ ସରକାର ଡାକ୍ତର ସଂଘର ଦାବି ପୂରଣ ନ କରନ୍ତି, ତେବେ ସେବାରତ ଡାକ୍ତର ମାନେ ଆସନ୍ତା ୧୫ ତାରିଖ ଠାରୁ ସନ୍ଧ୍ୟା ସମୟରେ ମଧ୍ୟ ବର୍ହିବିଭାଗ ବନ୍ଦ କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏହି ଦୁଇ ଘଣ୍ଟିଆ ବନ୍ଦ ଡାକରାରେ ମାଲକାନଗିରି ଜିଲ୍ଲାର ସମସ୍ତ ଡାକ୍ତର ସାମିଲ ହୋଇଛନ୍ତି। ଏମିତିରେ ଡାକ୍ତର ସଂଘର ଆନ୍ଦୋଳନ ଯଦି ଦୀର୍ଘ ଦିନ ଲାଗି ରହେ, ତେବେ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିବା ନେଇ ଜିଲ୍ଲାବାସୀ ଏବେ ଚିନ୍ତିତ ଅଛନ୍ତି। ଏ ସମ୍ପର୍କରେ ବାଲିମେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଡାକ୍ତର ସୌଭାଗ୍ୟ କୁମାର ହୁଇଙ୍କୁ ପଚାରିବାରୁ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଯେପର୍ଯ୍ୟନ୍ତ ଆମର ନ୍ୟାଯ୍ୟ ଦାବି ଗୁଡ଼ିକ ପୁରଣ ନ ହୋଇଛି, ସେପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି।

# ରାଖେଲଗୁଡା ଓ ଏମ୍‌ଭି ୨୬ ଗାଁରେ ସିପିଏମ୍ ଟିମ୍



ମାଲକାନଗିରି, ୫।୧(ସମିସ): ଆଜି ରାଜ୍ୟ ସିପିଆଇ(ଏମ୍) ପକ୍ଷରୁ ଚାରି ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ରାଖେଲଗୁଡା ଏବଂ ଏମଭି-୨୬ ଗାଁରେ ପହଞ୍ଚିଥିଲେ। ଟିମ୍‌ରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ରାଜ୍ୟ ସାଧାରଣ ସମ୍ପାଦକ ଶାଳ ମାରାଣ୍ଡି, ଯୁବ ଫେଡେରେସନ ରାଜ୍ୟ ସମ୍ପାଦକ ସରୋଜ ନାୟକ ରହିଥିଲେ। ପ୍ରଥମେ ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଗାଁରେ ପହଁଞ୍ଚି ଅଭାବନୀୟ ଘଟଣା ପାଇଁ ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ଆଲୋଚନା କରି ସେମାନଙ୍କ ଦୁଃଖ କଷ୍ଟକୁ ବୁଝିଥିଲେ। ରାଖେଲଗୁଡା ଗାଁର ମହିଳା ଲାକେ ପଡିଆମିଙ୍କ ବିଭତ୍ସ ହତ୍ୟାକାଣ୍ଡକୁ କଠୋର ଭାଷାରେ ନିନ୍ଦା କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ଦାବି କରିଥିଲା ସିପିଏମ୍ । ଆଦିବାସୀଙ୍କ ଜମିଜମାର ବନ୍ଦୋବସ୍ତ ଆଦିବାସୀଙ୍କ ସପକ୍ଷରେ କରିବା, ଜଙ୍ଗଲ ଜମି ଆଇନକୁ ଅଣଦେଖା କରି ବିନା ଆଦିବାସୀଙ୍କ ପରାମର୍ଶରେ ଅଣଆଦିବାସୀଙ୍କ ହାତରେ ଜମି ଟେକି ଦେବା, ବାସଗୃହ ଏବଂ ଚାଷଜମି ଆଦିବାସୀଙ୍କୁ ଦରକାର, ଆଦିବାସୀଙ୍କ ବିକାଶ , ରୋଜଗାର , କ୍ଷୁଦ୍ର ଶିଳ୍ପ ଏବଂ ରେଳ ସଂଯୋଗ ପ୍ରସଙ୍ଗକୁ ନେଇ ସିପିଆଇ(ଏମ) ଲଢ଼େଇ ଜାରି ରଖିବ। ଏନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରାଯିବ ବୋଲି ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସରୋଜ ପାଣିଗ୍ରାହୀ କହିଥିଲେ। ସେହିପରି ସିପିଆଇ(ଏମ) ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ କଳି କିଶୋର ପଟ୍ଟନାୟକ ଏ ଘଟଣା ପଛରେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଆଦିବାସୀଙ୍କ ଜମି ଅଧିକାର ସମ୍ପର୍କରେ ସୁଚାଇଥିଲେ। ସେହିପରି ଏମଭି-୨୬ ଗାଁରେ ମଧ ଏହି ଟିମ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଘଟଣାକୁ ନେଇ ସେମାନେ ଦୁଃଖ ବ୍ୟକ୍ତ କରିଥିଲେ। ସୂଚନା ଥାଉକି ଡିସେମ୍ବର ମାସରେ ରାଖେଲଗୁଡା ଗ୍ରାମର ମହିଳା ଲାକେଙ୍କ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହେବା ସହ ଏମ୍‌ଭି ୨୬ ଗ୍ରାମରେ ବ୍ୟାପକ ପୋଡ଼ାଜଳା କରିଥିଲେ। ଏହି ଟିମ୍ ଉକ୍ତ ଘଟଣାର ସମୀକ୍ଷା କରିଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, ୫।୧(ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଉପ ଜିଲ୍ଲାପାଳ ଅଶ୍ବିନୀ ଏଏଲ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ। ସମୁଦାୟ ୨୨ ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ। ତନ୍ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଦୁଇ ଗୋଟି ବ୍ୟକ୍ତିଗତ ଅଭିଯୋଗକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଭିତ୍ତିଭୂମି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥଲା। ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ଓ ସମସ୍ତ ଅଧିକାରୀ ସଦର ମହକୁମା ସ୍ଥିତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନଭୋଜନର ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ପଟ୍ଟାଙ୍ଗି, ୫।୧(ସମିସ): କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମାଙ୍କ ଉପସ୍ଥିତିରେ ପଟ୍ଟାଙ୍ଗି ବ୍ଲକର ମୋଟ ୫୬ ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି। ସେଥି ମଧ୍ୟରେ ୪୬ ଗୋଟି ସାମୂହିକ ହୋଇଥିବା ବେଳେ ୧୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଛି। ପଞ୍ଚାୟତ ସମିତି ସଭାଗୃହ ଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଡ଼ିଓ ବେଣୁଧର ଶବର, ପଟ୍ଟାଙ୍ଗି ଜୋନ ୨ ଜିଲ୍ଲାପରିଷଦ ଅଧକ୍ଷ ଲଇଛନ ଖରା, ଡିଏଫ୍‌ଓ ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ଅଭିଯୋଗକାରୀଙ୍କ ମଧ୍ୟରୁ ମତାଲାମ୍ବା ଗ୍ରାମରେ ମଶାଣି ଗୃହ ସିସି ରୋଡ ଓ ଷ୍ଟ୍ରିଟ ଲାଇଟ୍ ପ୍ରଦାନ, ଚନ୍ଦକା ପଞ୍ଚାୟତ ପି ସିନ୍ନାଲଗୁଡ଼ା ଗ୍ରାମରେ ସାମୂହିକ ଗୃହ ନିର୍ମାଣ। ପଟ୍ଟାଙ୍ଗି ସହରରେ ବସଷ୍ଟାଣ୍ଡ ନିର୍ମାଣ, ଲାଉଡି ଗ୍ରାମର ନଦୀ ତୁଠ ନିମନ୍ତେ ରାସ୍ତା। ପେଟୁର ପଞ୍ଚାୟତର ପଡ଼ାଲଗୁଡ଼ା ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ, ଗଙ୍ଗରାଜପୁର ବିଦ୍ୟାଳୟରେ ଶିକ୍ଷକ ଅଭାବ, ମଶାଣି ନିମନ୍ତେ ବ୍ରିଜ ନିର୍ମାଣ, ଛାତ୍ରାବାସ ନିର୍ମାଣ, ପ୍ରଧାନଶିକ୍ଷକଙ୍କୁ ବଦଳି, ଗପଦମପୁର ଗ୍ରାମରେ ଚେକ୍ ଡ୍ୟାମ ନିର୍ମାଣ। ପଟ୍ଟାଙ୍ଗି ପଞ୍ଚାୟତ ଅନ୍ତର୍ଗତ ଗିରିଲିଗୁଡ଼ା ଗ୍ରାମ ନିମନ୍ତେ ରାସ୍ତା ନିର୍ମାଣ। ପଟ୍ଟାଙ୍ଗି ବାସିନ୍ଦା ବି ମୋହନ ରାଓଙ୍କ ରାସନ କାର୍ଡ କାଟିଥିବା ଏବଂ ତାଙ୍କ ଝିଅଙ୍କ ଜାତି ପ୍ରମାଣ ପତ୍ର ମିଳୁନଥିବା ନେଇ ଅଭିଯୋଗ ହୋଇଥିଲା। ଚନ୍ଦକା ଗ୍ରାମର ସାହି ରାସ୍ତା, ସଦର ମଣ୍ଡପ ଓ ନୂତନ ଚେକଡେମ୍ ନିର୍ମାଣ। ବ୍ଲକର ୧୪ ଗୋଟି ପଞ୍ଚାୟତର ଜଙ୍ଗଲ ଜମି ପଟ୍ଟା, ୪ ହଜାରରୁ ଅଧିକ ପଟ୍ଟା ଆବେଦନ ହେବା ସତ୍ତ୍ୱେ ମିଳୁନଥିବା ନେଇ ଦେଓମାଳି ମହାସଂଘ ଦାବି ଆଦି ସମସ୍ୟା ଗୁଡ଼ିକର ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଇଇ ବିଶ୍ୱନାଥ ମାଦେଲି, ଏପିଓ ସୌମେନ୍ଦ୍ର ନାୟକ, ଜିପିଓ ଦାୟିତ୍ୱରେ ଥିବା ନମିତା ନାୟକ ପ୍ରମୁଖ ବ୍ଲକ ଅଧିକାରୀ ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳିତ କରିଥିଲେ।

## ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର



ନବରଙ୍ଗପୁର, ୫।୧(ସମିସ): ସୋମବାର ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଡିଏସ୍‌ପି ସରୋଜ ପୁନମ କିଷ୍ପୋଟାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୪ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୬ଟି କୃତିମ ଅଙ୍ଗ ପ୍ରଦାନ କରାଯାଇଥିଲା। ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

# ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ



ରାୟଗଡ଼ା, ୫।୧(ସମିସ): ନୂଆ ବର୍ଷ ଆରମ୍ଭରୁ ବାହାର ରାଜ୍ୟକୁ ଯାଇଥିବା ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଜଣେ ୨୩ ବର୍ଷୀୟ ଯୁବକ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟୱାଡାକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି। ଯୁବକ ଜଣକ ହେଲେଟିକିରି ଥାନା ଅନ୍ତର୍ଗତ ଶଙ୍କରଡ଼ା ପଞ୍ଚାୟତ ପଣସପଦର ଗ୍ରାମର କୁମାର ମାଝି। ତେବେ କେଉଁ କାରଣରୁ କୁମାରଙ୍କ ମୃତ୍ୟୁ ଘଟିଛି ତାହାର କାରଣ ଅସ୍ପଷ୍ଟ ରହିଥିବା ବେଳେ ତାଙ୍କର ମୃତ୍ୟୁ ଖବର ପାଇ ଏନେଇ ମାନବଧିକାର କର୍ମୀ ସଦନ ମାଝି ସେଠାକାର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଖୋଜାଖୋଜି କରି ମୃତ କୁମାରଙ୍କ ଶବ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସଦନ ମାଝି ଓ ରାୟଗଡାର ସ୍ଥାନୀୟ କଂଗ୍ରେସ ଯୁବନେତା ଏମ୍.ଜଗଦୀଶ ରାଓ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ କୁମାର ଗତ ୫ ବର୍ଷ ହେଲା ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ଜିଲ୍ଲାର କଣ୍ଡାପଲି ଠାରେ ଥିବା ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ସେ କିଛି କାମରେ ନିକଟସ୍ଥ ସହରକୁ ଆସିଥିଲେ। ନିଜ ଆଶ୍ରୟ ସ୍ଥଳକୁ ଫେରିନଥିଲେ କି ଶନିବାର କର୍ମସ୍ଥଳକୁ ଯାଇନଥିଲେ। ଏ ନେଇ ସହକର୍ମୀମାନେ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଖୋଜାଖୋଜି କରିଥିଲା। ପରେ ଏକ ସ୍ଥାନରୁ କୁମାରଙ୍କ ଶବକୁ ପାଇ ଜବତ କରିଥିଲା। ଏହି ମାମଲାର ସେଠାକାର ପୁଲିସ ତଦନ୍ତ କରୁଥିବା ଜଗଦୀଶ ସୂଚନା ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ରାୟଗଡ଼ା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ସୂଚନା ପାଇବା ପରେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରମ ବିଭାଗ ସହିତ ଯୋଗାଯୋଗ କରାଯାଇଛି ଏବଂ କାଶୀପୁର ବ୍ଲକ ଅତିରିକ୍ତ ଶ୍ରମ ଅଧିକାରୀ ବିଷ୍ଣୁ ନାୟକଙ୍କୁ କାର୍ଯ୍ୟ ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ଅଟୋ ରିକ୍ସା ଓଲଟି ଜଣେ ମୃତ

ବିଷମକଟକ, ୫।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ପାଇକ ଡାକୁଲୁଗୁଡା ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ଅଟୋ ରିକ୍ସା ଓଲଟି ପଡ଼ିଛି। ଦୁର୍ଘଟଣାରେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳେ ଏକ ଡାଲା ଅଟୋ ରିକ୍ସା ହାଟମୁନିଗୁଡାରୁ ପାଇକଡାକୁଲୁଗୁଡା ଫେରିବା ବାଟରେ ଡାକୁଲୁଗୁଡା ନଦୀ ବୁଲାଣି ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା କୃଷ୍ଣ ତୁଇକାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ଆହତ ରମେଶ ତୁଇକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିଷମ କଟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତୀ କରାଯାଇଛି। ଘଟଣା ସଂକ୍ରାନ୍ତରେ ଖବର ପାଇ ମୁନିଗୁଡା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛି। କେଉଁ ପରିସ୍ଥିତିରେ ଦୁର୍ଘଟଣାଟି ଘଟିଲା, ତାକୁ ନେଇ ତଦନ୍ତ ଚଳାଇଥିବା ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

## ଆର୍‌ଏସ୍‌ଏସ୍‌ର ମକର ମିଳନ ଓ ଶୀତଋତୁ ଶିବିର

ଜୟପୁର, ୫।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କେଶବ ଶାଖାର ଶତ ବାର୍ଷିକ ବର୍ଷ ଅବସରରେ ସ୍ଥାନୀୟ ବାଲିଆ ଗ୍ରାମପଞ୍ଚାୟତଠାରେ ବାତ୍ୟା ଆଶ୍ରୟସ୍ଥଳୀରେ କେଶବ ପ୍ରଭାଗ ଶାଖାର ମକର ମିଳନ ଓ ଶୀତ ଶିବିର ଅନୁଷ୍ଠିତ ହୋଇଥିଲା। ବଂଶୀଧର ସାମନ୍ତରାୟ ଓ ସର୍ବବ୍ୟବସ୍ଥା ପ୍ରମୁଖ ପାର୍ଥ ସାରଥୀ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଶାରିରୀକ, ବୈଦ୍ଧିକ ଚର୍ଚ୍ଚା ସହ ସଂଘର ଦିବ୍ୟ ଭାବନା ଓ କାମନା ବିଷୟରେ ଚର୍ଚ୍ଚା ହୋଇଥିଲା। ସଂଘର ଶତବାର୍ଷିକି ଅବସରରେ ପଞ୍ଚ ପରିବର୍ତ୍ତନର ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଲକ୍ଷ୍ମୀକାନ୍ତ ମିଶ୍ର ଶହେବର୍ଷର ବିଜୟଯାତ୍ରା ବିଷୟରେ ସମ୍ୟକ ସୂଚନା ଦେଇଥିଲେ। କେଶବ ଶାଖାର ବିସ୍ତାର ନିମନ୍ତେ ବାବୁ ଭାଇ ବଜରଙ୍ଗୀ, ନିରାକାର ଚୌଧୁରୀ, ଅକ୍ଷୟ ସାହୁ, ବୈଦନାଥ ମିଶ୍ର, ନରସିଂହ ଚୌଧୁରୀ, ଚିତ୍ରସେନ ସାହୁ, ଲଳିତ ଅଗ୍ରୱାଲ ପ୍ରମୁଖ ସ୍ୱୟଂସେବକ ମାନେ ସୁଚିନ୍ତିତ ମତ ରଖିଥିଲେ। ଜିଲ୍ଲା ଘୋଷ ପ୍ରମୁଖ ଜି. ମଧୁସୁଦନ ରାଓ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତିର ସଙ୍କଟର କାରଣ ଓ ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଡମ୍ବୁରୁଧର ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ସାହୁ, ସୁରେଶ ପଣ୍ଡା, ସୁବ୍ରତ ପଣ୍ଡା, ଅରୁଣ ଭଟ୍ଟମିଶ୍ର, ଜ୍ୟୋତି ରଞ୍ଜନ ପୂଜାରୀ, ସାରଙ୍ଗ ସାମନ୍ତରାୟ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନେଇ ସମୀକ୍ଷା



କୋରାପୁଟ, ୫।୧(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଚାଲିଥିବା ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପ ଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ଦିନ ଆସିବା ପୂର୍ବରୁ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଙ୍କ ଜଗବନ୍ଧୁ ଚୌଧୁରୀଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସମାଜସେବାରେ ସମସ୍ତଙ୍କ ଭାଗିଦାରୀ ଆବଶ୍ୟକ: ଇଂ. ଦିଲ୍ଲୀପ ଦାଶ



ନବରଙ୍ଗପୁର, ୫।୧(ସମିସ): ଶୀତ ଋତୁରେ ଗରିବ ଓ ଅସହାୟ ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଲାୟନ୍ସ କ୍ଲବ୍ ଅଫ୍ ନନ୍ଦାହାଣ୍ଡି ପକ୍ଷରୁ ମାନବିକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ଇଂ ଦିଲ୍ଲୀପ ଦାଶଙ୍କ ଉପସ୍ଥିତିରେ ନବରଙ୍ଗପୁର ଉପକଣ୍ଠ ଚୁରାହାଣ୍ଡି ଅଞ୍ଚଳର ଗରିବ ଲୋକମାନଙ୍କୁ ୬୦ଟି କମ୍ବଳ ସହ ଖାଦ୍ୟ ପାକେଟ୍ ବିତରଣ କରାଯାଇଥିଲା। ସେହିପରି ଡଙ୍ଗରଭେଜା ଅଞ୍ଚଳରେ ୬୦ଟି କମ୍ବଳ ବିତରଣ କରାଯାଇ ଶୀତ ପ୍ରଭାବରୁ ଅସହାୟ ଲୋକମାନଙ୍କୁ ଉଷ୍ମତା ଓ ସୁରକ୍ଷା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ଇଂ ଦିଲ୍ଲୀପ ଦାଶ ତାଙ୍କ ଉଦ୍‌ବୋଧନରେ ଲାୟନ୍ସ କ୍ଲବ୍‌ର ସେବାମୂଳକ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା କରି ସମାଜସେବାରେ ସମସ୍ତଙ୍କ ସକ୍ରିୟ ଭାଗୀଦାରିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ୍ ଅଫ୍ ନନ୍ଦାହାଣ୍ଡିର ସଭାପତି, ସମ୍ପାଦକ, କୋଷାଧକ୍ଷ ସହ ,ଲାୟନ କ୍ଲବ୍‌ର ସୁନାଧର ବେରୁକ୍ତ, ନାରାୟଣ ରଥ, ଡଃ ସଂଯୁକ୍ତା ପଣ୍ଡା, ଶ୍ରୀମତୀ ସରୋଜିନୀ ସାହୁ, ଶଶିକାନ୍ତ ଦାଶ, ବିନୟୀ ମିଶ୍ର, ବିନତି ମିଶ୍ର, ଅମ୍ବିକା ଦାଶ, ତନ୍ମୟ ମିଶ୍ର, ଅନୁପମ ତ୍ରିପାଠୀ, ରାଧା ମାଧବ ମିଶ୍ର, ଆର୍ତ୍ତ ବଲ୍ଲଭ ରଥ, ପ୍ରତାପ ଷଡଙ୍ଗୀ, ପ୍ରଶାନ୍ତ ମିଶ୍ର ପ୍ରମୁଖଙ୍କ ସହିତ ବହୁ ସଦସ୍ୟମାନେ ଉପସ୍ଥିତ ରହି ସେବା କାର୍ଯ୍ୟକୁ ସୂଚାରୁ ଭାବେ ସଫଳ କରିଥିଲେ।

### ଆନୁସଙ୍ଗିକ ସୁବିଧା ନାହିଁ

# ପୁଞ୍ଜିସିଲକୁ ଅବହେଳା; ପର୍ଯ୍ୟଟକ ନିରାଶ



ପୋଡ଼ାଗଡ଼, ୫।୧(ସମିସ): ପ୍ରାକୃତିକ ପରିବେଶ ତଥା ବର୍ଷର ସବୁ ସମୟରେ ଜଳବାୟୁ ଅନୁକୂଳ କହିଲେ କୋରାପୁଟ ଜିଲ୍ଲାକୁ ବୁଝାଏ। ଏଠାରେ ଶୀତ ଦିନରେ ଅଧିକ ଥଣ୍ଡା ଓ ବର୍ଷ ସାରା ଅନୁକୂଳ ପରିବେଶ ପାଇଁ ଆଖପାଖ ରାଜ୍ୟରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଗହଳି ଦେଖିବାକୁ ମିଳେ। ଜିଲ୍ଲାରେ ସବୁଠାରୁ ଲୋକପ୍ରିୟ କୋରାପୁଟ ସଦର ମହକୁମାରୁ ନିକଟତମ ପର୍ଯ୍ୟଟନ ସ୍ଥଳୀ ଓ ବଣ ଭୋଜି ପାଇଁ ପୁଞ୍ଜିଶିଲ ସବୁଠୁଁ ପ୍ରସିଦ୍ଧ। ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ପହଞ୍ଚି ପ୍ରାକୃତିକ ଶୋଭାକୁ ଉପଭୋଗ କରିବା ସହ ଝରଣାରେ ଗଡି ଗଡି ଗାଧୋଇବାର ମଜା ନିଅନ୍ତି। ପୁଞ୍ଜିସିଲର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶ ଏ ପର୍ଯ୍ୟନ୍ତ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇ ନ ଥିବା ନେଇ ଜିଲ୍ଲାବାସୀ ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଦ୍ୱାରା ଦଶମନ୍ତପୁର ବ୍ଲକ ପକ୍ଷରୁ ବଣଭୋଜି ପାଇଁ ଝରଣାଠାରେ ଛାତ ପିଣ୍ଡି ବନାଇ ଦେଇ ଗ୍ରାମ ମୁହଁ ଦେଇ ଝରଣା ପଟକୁ କିଛି ଦୂର କଂକ୍ରିଟ ରାସ୍ତା ତିଆରି କରାଯାଇଛି । କିନ୍ତୁ ବର୍ତ୍ତମାନ ନଷ୍ଟ ହୋଇ ସାରିଛି। ଜିଲ୍ଲାର ଅନ୍ୟ ପର୍ଯ୍ୟଟନ ସ୍ଥଳି ଅପେକ୍ଷା ଏହା ସମ୍ପୂର୍ଣ ସୁରକ୍ଷିତ। କୋରାପୁଟରୁ ୨୫ କିଲୋମିଟର ଓ ପୋଡ଼ାଗଡ଼ ଛକ ରୁ ୭ କିଲୋମିଟର ଗଲେ ପୁଞ୍ଜିସିଲ ପଡେ। ବର୍ତ୍ତମାନ ରାସ୍ତା କିଛି ମରାମତିର ଆବଶ୍ୟକ କରୁଛି। ବର୍ଷ ସାରା ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ ହୁଏ। ଦୀର୍ଘ ଆଠ ବର୍ଷ ହେଲା ଏହା ଅବେହେଳିତ ହୋଇ ପଡ଼ି ରହିଛି। ନିକଟସ୍ଥ ପୁଞ୍ଜିସିଲ ଗ୍ରାମରେ ୫୫ରୁ ଅଧିକ ପରିବାର ବାସ କରୁଛନ୍ତି। ସମସ୍ତେ ଆଦିବାସୀ ଶ୍ରେଣୀର ଅଟନ୍ତି। ଗାଁ ଭିତରେ ପିଇବା ପାଣିର ସମସ୍ୟା ରହିଛି। ଗାଁ ନିକଟରେ ଥିବା ନଦୀରେ ପାଣି ଆଣିବା ପାଇଁ ପାହାଚର ଆବଶ୍ୟକ ରହିଛି। ଗାଁରେ ସ୍କୁଲ ଓ ବିଶ୍ରାମାଗାରଠାରେ ପାଣିର ବ୍ୟବସ୍ଥା ନାହିଁ। ଗ୍ରାମବାସୀ ପର୍ଯ୍ୟଟକମାନଙ୍କୁ ପିଇବା ପାଣି ଓ ରନ୍ଧା କାଠ ଯୋଗାଇ ଖାଲି ଦୁଇ ପଇସା ରୋଜଗାର କରୁଛନ୍ତି। ପାଖରେ ଥିବା ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ସେତେ ଆଖି ଦୃଶିଆହୋଇପାରିନାହିଁ। ପୋଷାକ ବଦଳ ଗୃହକୁ ରାସ୍ତା ନାହିଁ । ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ଆସିବାକୁ ମୁହଁ ମୋଡୁଛନ୍ତି। ଝରଣାକୁ ଲାଗିଥିବା ଜାଗା କିଛି ଗ୍ରାମବାସୀଙ୍କର ରହିଥିବା ବେଳେ ଲୋକଙ୍କ ସହମତିରେ ତଥା ସହଭାଗିତାରେ ଜିଲାପର୍ଯ୍ୟଟନ ବିଭାଗ ଦ୍ୱାରା ଏହାର ଉନ୍ନତିକରଣ କରାଯାଇଥିଲେ ଗ୍ରାମବାସୀଙ୍କୁ ରୋଜଗାର ମିଳିବା ସହ ପର୍ଯ୍ୟଟନର ବିକାଶ ହୋଇପାରନ୍ତା । ପୁଞ୍ଜିଶିଲ ଭଳି ଆନ୍ଧ୍ର ପ୍ରଦେଶର ଆରକୁ ଭ୍ୟାଲି । ଯାହାକି କୋରାପୁଟ ଜିଲ୍ଲାର ପାତୁଆ ସୀମାକୁ ଲାଗିଛି । ସେଠାକାର ଡୁମୁରିଗୁଡା ଗ୍ରାମରେ ପୁଞ୍ଜିଶିଲର ଅନୁରୂପ ଏକ ଛୋଟ ଝରଣା ରହିଛି । ତାକୁ ଆନ୍ଧ୍ର ସରକାରଙ୍କ ଦ୍ୱାରା ବିରାଟ ତୋରଣ, ପାର୍କ ଆଦି କରାଯାଇ ଆକର୍ଷଣ କରାଯାଇଛି । ଯାହାର ଝରଣା ପୁଞ୍ଜିଶିଲ୍ ଠାରୁ ଛୋଟ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ପର୍ଯ୍ୟଟନ କ୍ଷେତ୍ର ଦୃଷ୍ଟି ଆଡୁଆଳରେ ରହି ଯାଇଛି। ପୁଞ୍ଜିଶିଲ ରାସ୍ତାରେ ବିରାଟ ତୋରଣ ପାର୍କ ଓ ଅତିଥି ଭବନ ଆଦି କରାଗଲେ ଏହା ରୋଜଗାର ଦେବା ସହ ରାଜସ୍ୱ ମଧ୍ୟ ଆଦାୟ କରି ପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବୋରୱେଲ ଖୋଲା ଯାଇଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଶୌଚାଳୟରେ ପାଣି ଆସି ପାରୁ ନାହିଁ। ଅତିଶୀଘ୍ର ଏ ନେଇ ବିଦ୍ୟୁତ୍ ବିଭାଗ ସହିତ କଥା ହୋଇଛି। ସେମାନେ ଆଣି ପୋଲ ଲଗାଇବା ପରେ ପର୍ଯ୍ୟଟକ ସମସ୍ତ ସୁବିଧା ପାଇପାରିବେ। ଅନ୍ୟ ପକ୍ଷରେ ପର୍ଯ୍ୟଟନ ଋତ ପୂର୍ବରୁ ଭିତ୍ତିଭୂମିର ବିକାଶ କରାଯିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଜିଲ୍ଲା ମିଲ ମାଲିକ ସଂଘର ଆନ୍ଦୋଳନ

# ମଣ୍ଡିରେ ଧାନ କ୍ରୟ ବନ୍ଦ; ଚାଷୀ ହନ୍ତସନ୍ତ



ଜୟପୁର,୫ ।୧(ସମିସ): ରାଜ୍ୟ ମିଲ୍ ମାଲିକ ସଂଘର ଆହ୍ୱାନ କ୍ରମେ ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାର ମିଲର୍ସ ମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ମିଲ ମାଲିକ ସଂଘ ପକ୍ଷରୁ ୪ ଦଫା ଦାବି ପୂରଣ ନେଇ ପୂର୍ବ ସୂଚନା ଅନୁଯାୟୀ ଆଜି ମଣ୍ଡିରେ ଖରିଫ ଧାନ କଷ୍ଟମ ମିଲିଂ ପାଇଁ ଧାନ ଗ୍ରହଣ ବନ୍ଦ କରିବା ସହିତ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଚାଷୀ ମାନେ ଧାନ ଟ୍ରାକ୍ଟର, ଟ୍ରକ, ଭ୍ୟାନ ପ୍ରଭୃତିରେ ବୋଝେଇ କରି ଆଣିଥିଲେ। କିନ୍ତୁ ମଣ୍ଡିରେ ମିଲର୍ସ କିମ୍ବା ପ୍ରତିନିଧି ମାନେ ଅନୁପସ୍ଥିତ ରହିଥିବା ଯୋଗୁଁ କ୍ରୟ କାରୀ ସଂସ୍ଥା ଗୁଡିକ ଧାନ କ୍ରୟ ମଧ୍ୟ ବନ୍ଦ କରିଛନ୍ତି । ଧାନ କଷ୍ଟମ ମିଲିଂ ପାଇଁ ଉଠିନାହିଁ। ଫଳରେ ଚାଷୀ ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି। ଧାନ ମଣ୍ଡିରେ ଧାନ କ୍ରୟ ନେଇ ବିଭିନ୍ନ ବିଭ୍ରାଟ ଦେଖାଗଲେ ଚାଷୀ ମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ଚାଷୀ ଅମଳ ଧାନ ମଣ୍ଡିରେ କ୍ରୟ ଏବଂ ମିଲର୍ସ ମାନଙ୍କୁ କଷ୍ଟମ ଧାନ ଉଠାଇବା ସହିତ ଗ୍ରହଣ ରସିଦ ପ୍ରଦାନ କରିବା ଏବଂ ଚାଷୀଙ୍କ ଧାନ ବିକ୍ରୟ ଟଙ୍କା ତୁରନ୍ତ ପ୍ରଦାନ ନେଇ ବ୍ୟବସ୍ଥା କରାଯାଉନଥିବା ନେଇ ଅଭିଯୋଗ ହେଉଛି। ମିଲର୍ସ ମାନଙ୍କର ଆନ୍ଦୋଳନର କାରଣର ମୁଖ୍ୟତଃ କଷ୍ଟମ ଧାନର ମିଲିଂ ଦେୟ ବୃଦ୍ଧି, କଷ୍ଟମ ଧାନ ଓ ଚାଉଳର ରକ୍ଷଣାବେକ୍ଷଣ ଦେୟ ପ୍ରଦାନ, ଧାନ ଓ ଚାଉଳ ପରିବହନ ମୂଲ୍ୟ ବୃଦ୍ଧି, କଞ୍ଚାଧାନ ବଦଳରେ ଶୁଖିଲା ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ ଦାବି ରହିଛି। ଏଥିନେଇ ଗତ ୩୦ ତାରିଖରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲାର ମିଲ ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୪ ଦଫା ଦାବି ନେଇ ସ୍ମାରକ ପ୍ରଦାନ କରାଯାଇଥିଲା। ଦାବି ଗୁଡ଼ିକ ଉପରେ ବିଚାର କରାନଗଲେ ଆଜି ଠାରୁ ଧାନ ମଣ୍ଡିରେ କଷ୍ଟମ ଚାଉଳ ଗ୍ରହଣ କରାଯିବ ନାହିଁ ବୋଲି ଚେତେବନୀ ଦେଇଥିଲେ। କିନ୍ତୁ ସରକାର ଓ ପ୍ରଶାସନ କୌଣସି ପଦକ୍ଷପ ଗ୍ରହଣ କରିନଥିବା ଯୋଗୁଁ ଆଜି ମଣ୍ଡି ଗୁଡିକରେ ଅଚଳ ହୋଇଯାଇଛି। ରାଜ୍ୟ ସରକାର ଆସନ୍ତା ଜାନୁୟାରୀ ମାସ ଶେଷ ସୁଦ୍ଧା ଚାଷୀଙ୍କ ସମସ୍ତ ଧାନ କ୍ରୟ ହୋଇଯିବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଆଜି ଠାରୁ ଧାନ ମଣ୍ଡିରେ ବିକ୍ରୟ ହୋଇପାରିନଥିବା ଯୋଗୁଁ ଏଥିପାଇଁ ରାଜ୍ୟ ସରକାର ଓ ପ୍ରଶାସନ ଦାୟୀ ବୋଲି କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଚାଷୀମାନେ ଧାନ ବିକ୍ରି ପରେ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାର ଯେଉଁ ଋଣ ସୁଝିବା ନେଇ ମଣ୍ଡିର ଧାନ ବିକ୍ରି ହୋଇଯିବ ଏବଂ ଟଙ୍କା ମିଳିଲେ ଋଣ ଶୁଝିବା ଆଶା ରଖିଥିଲେ । କିନ୍ତୁ ଶେଷରେ ନିରାଶ ହୋଇ ଦୀର୍ଘ ୨ରୁ ୩ ମାସର ଋଣ ସୁଧ ପୈଠ କରିବାକୁ ବାଧ ହେବା ନେଇ ଚାଷୀ ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି। ଅନ୍ୟ ପକ୍ଷରେ କୋରାପୁଟ ଜିଲ୍ଲା ମିଲ୍ ମାଲିକ ସଂଘର ସଭାପତି ବି.ତିରୁପତି ରାଓଙ୍କ ନେତୃତ୍ୱରେ ୨୦ ଜଣିଆ ମିଲ ମାଲିକ ସଂଘର ସଦସ୍ୟ ମାନେ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟସଂଘରଆନ୍ଦୋଳନରେସାମିଲ ହେବା ନେଇ ଗତକାଲି ଗସ୍ତ କରିଛନ୍ତି। ତୁରନ୍ତ ଚାଷୀଙ୍କ ଅମଳ ଖରିଫ ଧାନ ମଣ୍ଡିରେ ବିକ୍ରୟ ଏବଂ ଏହାବାବଦକୁ ବିକ୍ରି ଟଙ୍କା ପୈଠ କରା ନଗଲେ ଚାଷୀ ଆନ୍ଦୋଳନ ମଧ୍ୟ ଜିଲ୍ଲାରେ ଆରମ୍ଭ ହେବା ନେଇ ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ପ୍ରକାଶ ଯେ, ଆଜି ସୁଦ୍ଧା କୋରାପୁଟ ଜିଲ୍ଲାରେ କ୍ରୟକାରୀ ୯ଟି ଲ୍ୟାମ୍ପସ ଏବଂ ୩ଟି ପାଣି ପଞ୍ଚାୟତ ଅଧିନରେ ରହିଥିବା ୧୧୮ଟି ମଣ୍ଡିରୁ ଆଜି ସୁଦ୍ଧା ୧୨ ହଜାର ୭ ଜଣ ଚାଷୀଙ୍କ ଠାରୁ ୫ଲକ୍ଷ,୯୮ ହଜାର ୭୯୫ କ୍ୱିଣ୍ଟାଲ ୨୪ କିଲୋଗ୍ରାମ ଧାନ କ୍ରୟ କରାଯାଇଛି। କିନ୍ତୁ ପ୍ରାୟ ଧାନ କ୍ରୟ ହୋଇଥିବା ୮୦ ପ୍ରତିଶତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଧାନ ବିକ୍ରି ବାବଦକୁ ଟଙ୍କା ପଇଠ ହୋଇନାହିଁ। ସେହିପରି ଗତ ମାସ ୧୧ ତାରିଖରେ ମଣ୍ଡି ଶୁଭାରମ୍ଭ ହୋଇଥିଲା ଏବଂ ସମୁଦାୟ ୪୦ ହଜାର ୬୭୮ଜଣ ଚାଷୀ ଧାନ ବିକ୍ରି ନେଇ ପଞ୍ଜିକୃତ କରିଥିବା ବେଳେ ୨୪ ଦିନରେ ମାତ୍ର ୧୨୦୦୭ ଜଣ ଚାଷୀଙ୍କ ଧାନ କ୍ରୟହୋଇଛି। ଏହିପରି ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ୧୫ ଲକ୍ଷ ୫ ହଜାର ଧାନ କ୍ରୟ ନେଇ ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି।

## ବେଆଇନ ପଥର ଖନନକୁ ବିରୋଧ

■ ପଥର ଗୁଣ୍ଡରେ ଚାଷ ଜମି ନଷ୍ଟ ଅଭିଯୋଗ



ରାୟଗଡ଼ା, ୫।୧(ସମିସ): ରାୟଗଡ଼ା ବ୍ଲକ ଇରୁକୁବାଡି ପଞ୍ଚାୟତ ଅନ୍ତର୍ଗତ କାଞ୍ଚାମୁଇଁ ଗ୍ରାମରେ ବେଆଇନ ଭାବେ ଚାଲିଛି ପଥର ଖନନ। ଏହି ବେଆଇନ ପଥର ଖନନକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଖନନ ସ୍ଥାନରେ ଗତ ୧ ତାରିଖ ଠାରୁ ବିରୋଧ ଚାଲିଥିବା ବେଳେ ଆଜି ରାୟଗଡ଼ା ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଗ୍ରାମବାସୀ ନିଜର ଅଭିଯୋଗ ଦାଖଲ କରିଛନ୍ତି। ଗ୍ରାମବାସୀ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କାଞ୍ଚାମୁଇଁ ମୌଜାର ଖାତା ନମ୍ବର ୮ ରେ ଥିବା ଏକ ପଥର ଖାଦାନରେ ବେଆଇନ୍ ଭାବେ ଖନନ ଚାଲିଛି। କିଛି ଅଣଓଡ଼ିଆ ବ୍ୟକ୍ତି ବେଆଇନ ଭାବେ ଏହି ଖନନ କରୁଛନ୍ତି। ପଥର ଖନନ ପାଇଁ ସରକାରଙ୍କ ତରଫରୁ କୌଣସି ଅନୁମତି ମିଳିନାହିଁ। ଗତ ୪ ଦିନ ଧରି ବିରୋଧ କରିବା ପରେ ଗତକାଲି ଧମକ ମିଳିଥିବା ଜଣାଇଛନ୍ତି। ସରପଞ୍ଚ କାମେଶ୍ୱର ତାଡିଙ୍ଗି ଓ ସମିତି ସଭ୍ୟ ଦୟାନିଧି କଣ୍ଡାଗରି ଆଜି ଜିଲ୍ଲାପାଳଙ୍କୁ ସୂଚନା ଦେଇଛନ୍ତି ଯେ, ଏକ ଘରୋଇ ବ୍ୟକ୍ତି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଅନବାଣୀ ମୌଜାରେ ପଥର ଖନନ ପାଇଁ ଅନୁମତି ପାଇ ରାୟଗଡ଼ା ଜିଲ୍ଲା ଇରୁକୁବାଡି ପଞ୍ଚାୟତ କାଞ୍ଚାମୁଇଁ ମୌଜାରେ ଖନନ କରୁଛି। ଯାହାକି ସମ୍ପୂର୍ଣ୍ଣ ଭାବରେ ବେଆଇନ। ଏହି ବେଆଇନ ଖନନ ଦ୍ୱାରା ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ପଥର ଗୁଣ୍ଡ ଜମିରେ ଜମା ହେବାରେ ଲାଗିଛି। ଉକ୍ତ ପାହାଡରୁ ଖନନ ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ସରକାର ରାଜସ୍ୱ ମଧ୍ୟ ହରାଉଛନ୍ତି। ତେଣୁ ତୁରନ୍ତ ଏହା ବନ୍ଦ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣୀ ଘଟଣାର ତଦନ୍ତ କରିବା ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ବିଶ୍ୱନାଥ ପୁଲାକା, ଗୁମ୍ପା କଣ୍ଡାଗରି, ସନ୍ତୋଷ ନାୟକ, ନରେଶ ବିଡିକା, ଅଞ୍ଜନା ପୁଲାକା ପ୍ରମୁଖ ଆଜି ଅଭିଯୋଗ ଦାଖଲ ବେଳେ ଉପସ୍ଥିତ ଥିଲେ।

## ଯୁବକକୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଜୟପୁର,୫ ।୧(ସମିସ): ଜୟପୁର ସଦରଥାନା ଅନ୍ତର୍ଗତ ଶିଆଡିମାଳ ଗ୍ରାମରେ ଏକ ସଭାସ୍ଥଳରେ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ନେଇ ସଦରଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଶିଆଡିମାଳ ଠାରେ ରଣା ସମାଜର ଏକ ବୈଠକ ଚାଲିଥିଲା। ସେଠାରେ ଶିଆଡିମାଳ ଗ୍ରାମର ରାଜେନ୍ଦ୍ର ଶିଙ୍ଗାରୀ ଓ ପିତାମ୍ବର ଦଣ୍ଡସେନା କଥା ହେଉଥିବା ସମୟରେ ପଛପଟୁ ଧନେଶ୍ୱର ଦଣ୍ଡସେନା ଆସି ଏକ ଧାରୁଆ ଅସ୍ତ୍ରରେ ଅଭିଯୋଗକାରୀ ରାଜେନ୍ଦ୍ରଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଜୟପୁର ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରିଥିଲେ। ଆଜି ରାଜେନ୍ଦ୍ର ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ସଦର ପୁଲିସ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସଞ୍ଜୁ ବିଡିକା ବିଜେପି ଜିଲ୍ଲା ସମ୍ପାଦିକା

ନାରାୟଣପଟଣା, ୫।୧ (ସମିସ): ଭାରତୀୟ ଜନତା ପାର୍ଟୀ ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ରାଜ୍ୟର ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ କୋରାପୁଟ ଜିଲ୍ଲାର ସାଙ୍ଗଠନିକ ପ୍ରଭାରୀ ଭାବେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ



ତତ୍ତ୍ୱାବଧାନରେ କୋରାପୁଟ ଜିଲ୍ଲାର ପଦାଧିକାରୀ ମାନଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ସଭାପତି ଦାୟିତ୍ୱ ଶିବ ମୁଦୁଲିଙ୍କୁ ଦିଆଯାଇଛି। କୋରାପୁଟ ଜିଲ୍ଲାର ଭାରତୀୟ ଜନତା ପାର୍ଟି ସମ୍ପାଦିକା ଭାବେ ନାରାୟଣପଟଣା ବ୍ଲକର ସକ୍ରିୟ ମହିଳା ସଞ୍ଜୁ ବିଡ଼ିକାଙ୍କୁ ଚୟନ କରାଯାଇଛି। ନବ ନିର୍ବାଚିତ ସମସ୍ତ ପଦାଧିକାରୀଙ୍କୁ କୋରାପୁଟ ଜିଲ୍ଲା ପ୍ରଭାରୀ ଅଭିନନ୍ଦନ ଜଣାଇବା ସହ ଦଳକୁ ସୁଦୃଢ଼ କରିବା ସହ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କୁଙ୍କୁ ଆହ୍ୱାନ ଦେଇଛନ୍ତି। ସଞ୍ଜୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବହୁ ଦିନ ଧରି କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରିଆସୁଥିଲେ। ପରେ ମହିଳା ମୋର୍ଚ୍ଚାର ମଣ୍ଡଳ ସାଧାରଣ ରଣ ସମ୍ପାଦିକା ଭାବେ କାମ କରିଥିଲେ। ନବ ନିର୍ବାଚିତ ସମ୍ପାଦିକାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ



ଡାବୁଗାଁ,୫।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଜୁନାପାଣି ଗ୍ରାମ ପଞ୍ଚାୟତ ସଦରମହକୁମାସ୍ଥିତ ଜୁନାପାଣି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆବାହକ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ ବାରିକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀ ଛାତ୍ର, କମିଟି ସଭ୍ୟ ସଭ୍ୟା ବୃନ୍ଦଙ୍କ ଦ୍ୱାରା ଉତ୍ସବ କରାଯାଇଥିଲା। ଆବାହକ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ସମ୍ମାନିତ ଅତିଥି ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝୀ ଓ ସନ୍ତୋଷ କୁମାର ସାହୁ, ପୁରାତନ ଛାତ୍ରୀ ଛାତ୍ର କମିଟି ଅଧ୍ୟକ୍ଷ ରଘୁ ହରିଜନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ଭତ୍ରକ୍ଷ, ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏଥିରେ ପିଏମଶ୍ରୀ ଉତ୍ସବ ଉପରେ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡ୍ରପ୍ ଆଉଟ ଛାତ୍ରୀଛାତ୍ର ମାନେ କିପରି ଅଧାରୁ ପାଠ ପାଠ ପଢିବେ, ତାହା ଉପରେ ଏକ ସଚେତନତା ନାଟକ ପ୍ରଦର୍ଶନ, ସଙ୍ଗୀତ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା । ଉଦଯାପନୀ ସମାରୋହ ଉତ୍ସବରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମୁଖ୍ୟ ବକ୍ତା ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ନବରଙ୍ଗପୁର ଜିଲା ବିଜେପି ସମ୍ପାଦକ ଜେ.ରାଜ ଶେଖର ରାଓ, ଜିଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ବିଜେପି ଡାବୁଗାଁ ମଣ୍ଡଳ ସଭାପତି (ଜୋନ୍-୧) ଜଗଦୀଶ ଭତ୍ରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ବି. ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

କୁନ୍ଦୁରା,୫।୧(ସମିସ): କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ବିଭିନ୍ନ ଗ୍ରାମପଞ୍ଚାୟତ ର ନୂତନ ଭାବେ ନିର୍ମିତ ଉନ୍ନୟନ ମୂଳକ ଯୋଜନାର ଶୁଭ ଉଦ୍‌ଘାଟନ କରିଛନ୍ତି କୋଟପାଡ଼ ବିଧାୟକ ରୂପୁ ଭତ୍ରା। ବିକଶିତ ଗ୍ରାମ, ବିକଶିତ ଓଡିଶା ଅଧୀନରେ ରହିଥିବା ଉନ୍ନୟନ ମୂଳକ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ସମିତି ଉପାଧ୍ୟକ୍ଷ ତରୁଣୀସେନ



ବିଷୋୟୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ୱିତା, ବାଗଦିରୀ ସରପଞ୍ଚ ମାନସୀ ସାନ୍ତା, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ, ଏମପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ବାଗଦେରୀ ସରପଞ୍ଚ ମାଣିକ ସାନ୍ତା,ରାଣୀଗୁଡା ସରପଞ୍ଚ ଶିବ ପ୍ରଧାନୀ, ବେଣୁଧର ପାତ୍ର, ତୁଷାର ଭଙ୍ଗପ୍ରମୁଖ ଉପସ୍ଥିତ ଥିଲେ। ରାଣୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆଟି ଗାଁ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ନିର୍ମିତ ଭୋଗ ମଣ୍ଡପ ଏବଂ ରାଣୀଗୁଡା ସଦର ମହକୁମା ଠାରେ ଏକ ଗୋଷ୍ଠୀ ସାଧନ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି କୋଟପାଡ଼ ବିଧାୟକ। ସେହିଭଳି ଉପାନ୍ତ ବାଗଦେରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁଦାଗୁଡା ଠାରେ ଗ୍ରାମ ବାସିଙ୍କ ସେବାରେ ଉଦ୍ଦିଷ୍ଟ ବନ ସୁରକ୍ଷା ସମିତି ଗୃହର ଶୁଭ ଉଦଘାଟନ କରିଛନ୍ତି ବିଧାୟକ। ପାହାଡ଼ ଜଙ୍ଗଲ ଘେରା ବୁଦାଗୁଡା ଗ୍ରାମକୁ ଲାଗି ରହିଥିବା ଜଙ୍ଗଲର ସୁରକ୍ଷା ନିମନ୍ତେ ଏହି ଗୃହ କରାଯାଇଥିବା ବିଧାୟକ କହିଛନ୍ତି। ଏଥି ସହ ଏହି ଗ୍ରାମରେ ରହିଥିବା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଠାକୁରାଣୀ ହୁଣ୍ଡୀ ଏବଂ ଭାଗବତ ଟୁଙ୍ଗି ନିମନ୍ତେ ବିଧାୟକ ପାଣ୍ଠି ରୁ ୧୫ ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିବା ଗ୍ରାମବାସୀଙ୍କୁ ବିଧାୟକ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅଶ୍ରୁ ସାନ୍ତା, ନୀଳ ଅମନାତ୍ୟ, ବାସୁ ଦୁରୁଆ, ପର୍ଶୁରାମ ଘିଉରିଆ, ଉଦୟ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ପଞ୍ଚାୟତ ଗୃହ ସ୍ଥାନାନ୍ତରକୁ ବିରୋଧ

କୁନ୍ଦୁରା, ୫।୧(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ବାଣୁଆଗୁଡା ଗ୍ରାମ ପଞ୍ଚାୟତ ଠାରେ ନୂତନ ଭାବେ ଆସିଥିବା ପଞ୍ଚାୟତ ଗୃହକୁ ନେଇ ଦେଖାଦେଇଛି ବିରୋଧାଭାଷ। ସୋମବାର ବାଣୁଆଗୁଡା ଗ୍ରାମ ପଞ୍ଚାୟତର ଶତାଧିକ ପଞ୍ଚାୟତବାସୀ ଏକତ୍ରିତ ହୋଇ ଏକ ଦାବିପତ୍ର କୁନ୍ଦୁରା ବିଡିଓଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଦେଇଛନ୍ତି। ଏହି ଦାବିପତ୍ରରେ ବାଣୁଆଗୁଡା ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର, ବରିଷ୍ଠ ରାଜନୈତିଜ୍ଞ, ପୂର୍ବତନ ସରପଞ୍ଚ ଓ ଶତାଧିକ ପଞ୍ଚାୟତବାସୀ ଦସ୍ତଖତ କରିବା ସହିତ କୁନ୍ଦୁରା ବିଡିଓଙ୍କ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ହୋହାଲ୍ଲା କରିଥିବା ଦେଖିବାକୁ ମିଳିଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ,



ବାଣୁଆଗୁଡା ପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ସରକାରୀ ନର୍ଦ୍ଦେଶନାମା ହୋଇଛି। ଏଥିପାଇଁ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅଟକଳ ମୂଲ୍ୟକୁ ନଜରରେ ରଖି କୁନ୍ଦୁରା ବ୍ଲକର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଏଇଇ) ଏବଂ ଜନୈକ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଅନ୍ୟତ୍ର ନୂତନ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ କରାଯିବା ବ୍ୟବସ୍ଥାକୁ ବାଣୁଆଗୁଡା ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଦୀର୍ଘ ବର୍ଷ ହେଲା ବାଣୁଆଗୁଡା ଗ୍ରାମଠାରେ ବାଣୁଆଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଚାଲି ଆସିଛି। ବର୍ତ୍ତମାନ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସ୍ଥାନ ରହିଛି । କିନ୍ତୁ ଜାଣିଶୁଣି ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ରହିଥିବା ସ୍ଥାନରେ ନୂତନ କାର୍ଯ୍ୟାଳୟ ଗୃହ କରାନଯାଇ ଅନ୍ୟତ୍ର କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହାକୁ ବାତିଲ କରି ପୁରୁଣା ପଞ୍ଚାୟତ ରହିଥିବା ସ୍ଥାନରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ କରାଯାଉ, ନଚେତ ଆଗାମୀ ଦିନରେ ସମସ୍ୟା ବଢିବ ଏବଂ ଏହାର ପ୍ରଭାବ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସରକାର ବୁଝି ପାରିବେ। ବାଣୁଆଗୁଡା ପଞ୍ଚାୟତ ବାସିନ୍ଦା ଆଗାମୀ ପଞ୍ଚାୟତ ନିର୍ବାଚନ ବାସନ୍ଦ କରିବେ ବୋଲି ଉପସ୍ଥିତ ବାଣୁଆଗୁଡା ପଞ୍ଚାୟତ ବାସିନ୍ଦା ବ୍ଲକ କାର୍ଯ୍ୟାଳୟ ଠାରେ ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଡିଓ କହିଛନ୍ତି ଯେ ଯାହା ହେଉଛି ସେଠାକାର ଲୋକ ପ୍ରତିନିଧିଙ୍କ ଦ୍ୱାରା କରାଯାଉଛି। ଏଠାରେ ପ୍ରଶାସନର କିଛି ଅଧିକାର ନାହିଁ । ଟେଣ୍ଡର ଧରି କାର୍ଯ୍ୟ କରିବା ପରେ ବିଲ ଅର୍ଥ ରାଶି ସରପଞ୍ଚଙ୍କ ମାଧ୍ୟମରେ ପାଇବ। ସମସ୍ତେ ଏକ ବୈଠକ କରି କେଉଁଠି କରାଯିବ ତାକୁ ନେଇ ଅତିଶୀଘ୍ର ଏକ ମିଟିଙ୍ଗ କରିବି ଏବଂ ଅତିଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



କୋଟପାଡ଼,୫।୧ (ସମିସ): ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ କୋଟପାଡ଼ ଆନୁକୂଲ୍ୟରେ ସ୍ଥାନୀୟ ନୁଆଗୁଡ଼ା ପଡ଼ିଆ ଠାରେ ମା'ଶୀତଳା ଠାକୁରାଣୀ ଭବାନୀ ପଣ୍ଡା ମେମୋରିଆଲ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ଏନ୍ଏସି ଅଧ୍ୟକ୍ଷ ଶଙ୍କର ରାଓ , ଜିଲ୍ଲା ବିଜେପି ଉପସଭାପତି ରାମେଶ୍ୱର ଜେନା ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଓକିଲ୍ ସଂଘ ସଭାପତି, ମଣି ପ୍ରସାଦ ପଟ୍ଟନାୟକ, ପ୍ରକାଶ ମହାନ୍ତି, ମୋନହର ବିଶୋଇ, ପ୍ରଦୀପ ବକ୍ସି, ବୀରେନ ବିଶୋଇ, ଗୋପୀ ବିଷୋୟୀ, ବାଲ୍ୟ ନାୟକ ସହ ଅନ୍ୟ ପ୍ରମୁଖ ଉପସ୍ଥିତରେ ଶୁଭାରମ୍ଭ କରାଯାଇଥିଲା। ଆଜି ପ୍ରଥମ ଦିନର ମ୍ୟାଚ୍ ବି .ଡୁବୁଲି ଦଳ ଏବଂ ନୂଆଗଡ ଦଳ ମଧ୍ୟରେ ଖେଳା ଯାଇଥିଲା। ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ବି. ଡୁବୁଲି ଦଳ ପେନାଲଟି ସୁଟରେ ୫-୪ ଗୋଲ୍ ବ୍ୟବଧାନରେରେ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ମୋଟ ୨୦ ଦଳଟି ଭାଗ ନେଇଥିବା ବେଳେ ୧୮ ଦିନ ଧରି ଚାଲିଥିବା ଫୁଟବଲ୍ ଖେଳକୁ ଦେଖିବା ପାଇଁ କୋଟପାଡ ବ୍ଲକ୍‌ରୁ ଶହ ଶହ ଦର୍ଶକ ଆସି ଖେଳର ଆନନ୍ଦ ନେଇଥିବା ଦେଖିବାକୁ ମିଳିଥିଲା। ମ୍ୟାଚକୁ ପୂର୍ବତନ ଖେଳାଳି ସପନ ନାୟକ ଓ ସୁକାନ୍ତ ଗୌଡ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ଭାଷ୍ୟକାର ଭାବରେ ପ୍ରଶାନ୍ତ ପଣ୍ଡା ସହଯୋଗ କରିଥିଲେ। ସୂଚନା ଏହି କି ଯେ ଏହି ଫୁଟବଲ୍ ଟର୍ନାମେଣ୍ଟ କୋଟପାଡ ଓକିଲ ସଂଘ ସଂପାଦକ ଶଙ୍କର ପଣ୍ଡାଙ୍କ କନିଷ୍ଠ ଭ୍ରାତା ଭବାନୀ ପଣ୍ଡା (ମୁନା) ସ୍ମୃତି ଉଦେଶ୍ୟରେ ଆୟୋଜନ କରାଯାଇଛି।

## ପୌଷ ମଣ୍ଡେଇ ଉପରେ ରୋକ୍ ଲଗାଇଲା ପ୍ରଶାସନ



କୋଷାଗୁମୁଡ଼ା,୫।୧(ସମିସ): ଶେଷରେ ପୌଷ ମଣ୍ଡେଇ ଉପରେ ରୋକ୍ ଲଗାଇଲା ପ୍ରଶାସନ। ପୌଷ ମଣ୍ଡେଇକୁ ରୋକ ଲଗାଇ ୧୬୩ ବିଏନଏସ ଜାରି କରାଯାଇଛି। ଏନେଇ ଆଜି ନିର୍ଦ୍ଦେଶ ଜାରିହେବା ପରେ ପ୍ରଶାସନ ଡାକବାଜି ସହ ପ୍ରଚାର କରିବା ସହ ଚାଉଁରିଆ ମନ୍ଦିର ପରିସର ଓ ଅଞ୍ଚଳକୁ ସିଲ କରି ଲୋକ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀଙ୍କୁ ବାରଣ କରାଯାଇଛି। ପ୍ରାୟ ୨୦୦ବର୍ଷ ପୂର୍ବର ପାରମ୍ପରିକ କୋଷାଗୁମୁଡା ବ୍ଲକ ତାରାଗାଁ ପଞ୍ଚାୟତର କୋଟାଗାଁ ପ୍ରସିଦ୍ଧ ପୌଷ ମଣ୍ଡେଇ ଯାତ୍ରା। ଜାନୁଆରୀ ମାସ ୬ ତାରିଖରେ ହେବାକୁ ଥିବା ପୌଷ ମଣ୍ଡେଇ ଯାତ୍ରାକୁ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଗତ ମଙ୍ଗଳବାର ମଣ୍ଡେଇ ଯାତ୍ରାକୁ ଡାକବାଜି ସହାୟତାରେ ପ୍ରଚାର କରିବାକୁ ନେଇ କୋଟାଗାଁ ଓ ତାରାଗାଁ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଗଣ୍ଡଗୋଳ ହୋଇଥିଲା। ବୁଧବାରଠାରୁ ତାରାଗାଁ ଗ୍ରାମର ସମସ୍ତ ଦୋକାନ ବଜାର ୬ ଦିନ ହେବ ବନ୍ଦ କରାଯାଇଛି। ଏଭଳିକି ତାରାଗାଁ ଗ୍ରାମବାସୀ ଛକର ଚାରିଦିଗରେ ରବିବାର ରାତିରେ ଗଛ କାଟି ରାସ୍ତା ଅବରୋଧ କରି ରଖିଥିଲେ। କୋଡିଙ୍ଗା ଥାନାରେ ଉଭୟ ଗୋଷ୍ଠୀ ଏତଲା ଦେଇଥିବା ବେଳେ ଏନେଇ କୋଡିଙ୍ଗା ପୋଲିସ ମାମଲା ରୁଜୁ କରି ୫ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଯାହାକୁ ନେଇ ସ୍ଥାନୀୟ ବୀର ଚାଉଁରୀଆ ମନ୍ଦିର ଓ ଯାତ୍ରାକୁ ନେଇ ବିବାଦ ଘନେଇବାରେ ଲାଗିଛି। କୋଡିଙ୍ଗା ଥାନା ଅଧିନ ତାରାଗାଁ ପଞ୍ଚାୟତରେ ପ୍ରତିବର୍ଷ ପାରମ୍ପରିକ ପୁଷ ମଣ୍ଡେଇ ପାଳିତ ହୋଇଥାଏ। ଏହି ଅଞ୍ଚଳର ସବୁଠାରୁ ବଡ଼ଯାତ୍ରା ୩ଦିନ ଧରି ଚାଲୁଥିବା ଏହି ଐତିହାସିକ ପୌଷ ମଣ୍ଡେଇ ଯାତ୍ରା ହୋଇଥିବା ହେତୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହିତ ଅଞ୍ଚଳର ପ୍ରାୟ ୯୦୦ ଲାଠି, କୁର୍ଚି ଗ୍ରାମର ଅଧିଷ୍ଠାତା ଦେବତା ବୀର ଚାଉଁରୀଆ ନିକଟରେ ରୁଣ୍ଡ ହୋଇ ଯଥା ବିଧିରେ ପୂଜା କରାଯାଉଥିଲା। ଆଜକୁ ପ୍ରାୟ ୩ବର୍ଷ ହେବ ଚାଉଁରିଆ ମନ୍ଦିରର ଜାଗା ତାରାଗାଁ ମୌଜାରେ ଥିବା ବେଳେ କୋଟାଗାଁ ମଣ୍ଡେଇ ଆୟୋଜନ କରିବା ନେଇ ବିବାଦ ହୋଇଥିଲା। ବିବାଦ ସତ୍ତ୍ୱେ ବିଗତ ୨ବର୍ଷ ମଣ୍ଡେଇ ଆୟୋଜନ କରାଯାଇଥିଲା। କୋଟାଗାଁ ଓ ତାରାଗାଁ ଗ୍ରାମ ମଧ୍ୟରେ ଆୟୋଜନକୁ ନେଇ ବିବାଦ ହେବାପରେ ପୌଷ ମଣ୍ଡେଇ ହେବାକୁ ନେଇ କଳ୍ପନାଜଳ୍ପନା ଦେଖାଦେଇଥିଲା। ଉଭୟ ପକ୍ଷ କୋଡିଙ୍ଗା ଥାନା, କୋଡିଙ୍ଗା ତହସିଲର ଦ୍ୱାରସ୍ଥ ହୋଇଥିବା ବେଳେ ମଣ୍ଡେଇ ଆୟୋଜନକୁ ସ୍ଥଗିତ ରଖି ନିଷ୍କର୍ଷ ନ ବାହାରିବା ସହ ସ୍ଥାନୀୟ ଅଞ୍ଚଳରେ ୬୦ଦିନ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ପରିସର ଓ ତାରାଗାଁ ଠାରେ ୩ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କୋଡିଙ୍ଗା ତହସିଲଦାର ତୁଳା ମୁଦୁଲି, ଆଡିସନାଲ ଏସ୍‌ପି ଆଦିତ୍ୟ ସେନ, ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ ଉପସ୍ଥିତ ରହି ଅଞ୍ଚଳ ଉପରେ ନଜର ରଖିଥିବା କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

